## ବେଆଇନ ମଦ ବିକ୍ରିକୁ ବିରୋଧ କରି ଧାରଣା

ଖଇରା, (ଡି.ଏନ.ଏ.)-ବାଲେଶ୍ୱର ଜିଲା ଅମରିଆ-ଅଗ୍ନିପୁର ଗ୍ରାମରେ ବେଆଇନ ମଦ ବିକ୍ରିକୁ ବିରୋଧ କରି ଗ୍ରାମର ଶତାଧିକ ମହିଳା ରବିବାର ସନ୍ଧ୍ୟାରେ ଉକ୍ତ ମଦ ବିକ୍ରେତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ପରେ ଖଇରା ପୋଲିସ ପହଞ୍ଚି କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ।

**ସଂକ୍ଷେପରେ**

## ମଦ ଦୋକାନରେ ଭଙ୍ଗାରୁଜା, ୬ ଗିରଫ

ବାରିପଦା ଅଫିସ,୧୫।୧-ବାରିପଦା ଭଞ୍ଜପୁର ଥାନା ଅଞ୍ଚଳର ମୁର୍ଗାବାଡ଼ିସ୍ଥିତ ବିଦେଶୀ ମଦ ଦୋକାନରେ ଭଙ୍ଗାରୁଜା, ଜଳାପୋଡ଼ା ଓ ଲୁଟ ଘଟଣାରେ ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭଞ୍ଜପୁର ଅଞ୍ଚଳର ଲଲାଟେନ୍ଦୁ ଗିରି, ଯମୁନାଦେଈପୁରର ରଘୁବୀର ବାସ୍କେ, ଲିଙ୍ଗରାଜ ବେହେରା, ରାମଗୋପାଲ ବାସ୍କେ, ପଞ୍ଚ ମାରାଣ୍ଡି ଏବଂ କ୍ଷେତ୍ରପାଟଣା ଅଞ୍ଚଳର ଶଙ୍କର ପଣ୍ଡା। ଏନେଇ ପୋଲିସ ମାମଲା (ନଂ.୬/୨୩)ରେ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଶନିବାର ବିଳମ୍ବିତ ରାତିରେ ସେମାନେ ମଦ ଦୋକାନରେ ପଶି ୨ ବୋତଲ ମଦ ମାଗିଥିଲେ। ସେଲ୍ସ ମ୍ୟାନ ଦୋକାନ ବନ୍ଦ ସମୟ ହୋଇଥିବାରୁ ମଦ ଦେବାକୁ ମନା କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସେମାନେ ଦୋକାନରେ ପଶି ମଦ ବୋତଲ ନେବା ସହ ଗାଳିଗୁଲଜ କରିଥିଲେ। ଟଙ୍କା ମାଗିବାରୁ ଦୋକାନ ବାହାରେ ଥିବା କିଛି ଖାଲି ପେଟି ଓ ଏକ ବାଇକ୍‌ରେ ନିଆଁ ଲାଗାଇ ଦେଇଥିଲେ। ଘଟଣା ସମ୍ପର୍କରେ ପିସିଆରକୁ ଅବଗତ କରିବାରୁ ଦୋକାନରେ ଥିବା ୧ଲକ୍ଷ ୨୦ହଜାର ଟଙ୍କା ଲୁଟ୍ କରି ନେଇଯାଇଥିଲେ । ଏନେଇ ମଦ ଦୋକାନ ଲିଜ୍‌ଧାରୀ ବିକ୍ରମ ଗୁପ୍ତା ଥାନାରେ ଅଭିଯୋଗ କରିଛନ୍ତି।

## 'ଦରଦୀ ବନ୍ଧୁ ଥିଲେ ଦିଲୀପ'

ଭଦ୍ରକ ଅଫିସ, ୧୫।୧-ଭଦ୍ରକ ଓକିଲ ସଂଘର ସଭାପତି ତଥା ସଦର ବ୍ଲକ ବେନ୍ତାଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସ୍ୱର୍ଗତ ଦିଲୀପ ମହାପାତ୍ରଙ୍କ ଏକାଦଶାହ ଅବସରରେ ବେନ୍ତାଳଠାରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଅଧିବକ୍ତା ନିରାକାର ଜେନା ଓ ପୂର୍ବତନ କାଉନସିଲର ସୁଧାକର ରାଉତଙ୍କ ପରିଚାଳନାରେ ଆୟୋଜିତ ସଭାରେ ଜିଲା ସେସନ ଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଅତିରିକ୍ତ ସେସନ ଜଜ୍ ଆଶିଷ ତ୍ରିପାଠୀ, ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାରମିତା ରାଉଳ, ସ୍ପେଶାଲ ଟ୍ରାକ୍ ଜଜ୍ ଅବକାଶ ଚୌଧୁରୀ, ଏସ୍‌ଡିଜେଏମ୍ ଚିନ୍ମୟ ପାଢ଼ୀ, ସିଭିଲ ଜୁନିୟର ଜଜ୍ ଅବିନାଶ ଚିନାରା, ଜେଏମ୍‌ଏଫ୍‌ସି ଗିରିଜା ଶଙ୍କର ବାଗ, ରାଜ୍ୟ ମାନବାଧିକାର କମିଶନର ପୂର୍ବତନ ସଦସ୍ୟ ଅସୀମ ଅମିତାଭ ଦାସ, ଓକିଲ ସଂଘ ସମ୍ପାଦକ ସୂର୍ଯ୍ୟକାନ୍ତ କୁଅଁର, ପୂର୍ବତନ ଏମ୍‌ପି ଅନନ୍ତ ସେଠୀ, ପୂର୍ବତନ ବିଧାୟକ ନରେନ ପଲାଇ, ରାଜେନ୍ଦ୍ର ଦାସ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଜିଲା ପରିଷଦ ସଭାପତି ଦ୍ୱିଜବର ରାଉତ, ପୌରାଧକ୍ଷା ଗୁଲମକୀ ହବିବ, ବ୍ଲକ ଅଧକ୍ଷା ଉର୍ମିଳା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଦିଲୀପ ଦରଦୀଙ୍କ ବନ୍ଧୁ ଥିଲେ ବୋଲି ସ୍ମୃତିଚାରଣ କରାଯାଇଥିଲା। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ତାହେରା ଖାତୁନ, ଅଜୟ ନାୟକ, ଲକ୍ଷ୍ମୀ ମହାପାତ୍ର, ଭାଜପା ନେତା ପଞ୍ଚାନନ ରାଉତ, ଜିଲା ସଭାପତି ହେମନ୍ତ ପାଢ଼ୀ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ପ୍ରଦୀପ ନାୟକ, ବଦ୍ରିନାରାୟଣ ଧଳ, ନରନାରାୟଣ ଜେନା, ଗଦାଧର ବଳ ପ୍ରମୁଖ ଉପସ୍ଥିତ ଥିଲେ। ସ୍ମୃତି ପତ୍ରିକା 'ଦରଦୀ ଦିଲୀପ' ଉନ୍ମୋଚନ କରାଯାଇଛି। ଆଇନଜୀବୀ ଦେବବ୍ରତ ମହାପାତ୍ର ଓ ଛାତ୍ରନେତା ଆଶୁତୋଷ ପଣ୍ଡା ସଭା ସଂଯୋଜନା କରିଥିବା ବେଳେ ଦେବାଶିଷ ମହାପାତ୍ର ଧନ୍ୟବାଦ ଦେଇଥିଲେ।

**ଆସିପାରିଲାନି ଆମ୍ବୁଲାନ୍ସ**

# ଖଟିଆରେ ବୁହାହେଲେ ରୋଗୀ

ବସ୍ତା, ୧୫।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଅନ୍ତର୍ଗତ ମଥାନୀ ପଞ୍ଚାୟତ ଗମ୍ଭାରିଆ ଗ୍ରାମରେ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ରୋଗୀଙ୍କ ଘର ପାଖକୁ ପହଞ୍ଚି ପାରିଲାନି। ଫଳରେ ଖଟିଆରେ ବୁହା ହୋଇ ରୋଗୀ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଯାଇଥିଲେ। ସେଠାରୁ ତାଙ୍କୁ ବସ୍ତା ହସ୍‌ପିଟାଲକୁ ନିଆଯାଇଥିଲା। ୨ ଘଣ୍ଟା ବିଳମ୍ବରେ ଚିକିତ୍ସା ଆରମ୍ଭ ହୋଇଥିଲା।

ସୂଚନା ଅନୁସାରେ ଗ୍ରାମର ଧୀରେନ ମହାନ୍ତିଙ୍କର ଝିଅ କୁନି ମକର ପାଇଁ ବାପଘରକୁଆସିଥିଲେ। ରବିବାର ହଠାତ୍ ତାଙ୍କ ଦେହ ଖରାପ ହେବାରୁ ପରିବାର ଲୋକେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବା ପାଇଁ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଆସିଥିଲା, ମାତ୍ର ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ ଅଧକିଲୋମିଟର ଦୂରରେ ଅଟକି ରହିଥିଲା। ଶେଷରେ ପରିବାର ଲୋକେ ଗାଁ ଲୋକ ସହାୟତାରେ ଖଟିଆରେ କୁନିକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ବସ୍ତା ହସ୍ପିଟାଲକୁ ନିଆଯାଇଥିଲା। ଏହି ଗାଁକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବାରମ୍ବାର ଅଭିଯୋଗ ପରେ ମଧ୍ୟ ରାସ୍ତାଟିଏ ନିର୍ମାଣ ହେଉନାହିଁ। ଫଳରେ ଲୋକମାନେ ଯାଆସ ଲାଗି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମରେ ଏହି ଘଟଣା ପ୍ରଥମ ନୁହେଁ ପୂର୍ବରୁ ବର୍ଷାଦିନେ ମଧ୍ୟ ଏଭଳି ଘଟଣା ଘଟିଥିଲା। ରୋଗୀକୁ ଆଣ୍ଠୁଏ ପାଣିରେ ଖଟିଆରେ ରୋଗୀକୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହି ନିଆଯାଇଥିଲା।



# ପାଣ୍ଡବଘେରାରେ ମକର ମେଳା



ମକର ମେଳା

ଔପଦା, ୧୫।୧

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଘିରାପଦା ପଞ୍ଚାୟତ ଚିନଚିଡ଼ା ଗ୍ରାମ ନିକଟ ପାହାଡ଼ ଶିଖରରେ ବହୁ ପୁରାତନ ପାଷାଣ କ୍ଷେତ୍ର ପାଣ୍ଡବଘେରାରେ ମକର ମେଳା ପାଳନ କରାଯାଇଛି। ଏହି ମେଳାରେ ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଯାତ୍ରୀଙ୍କ ସମାବେଶ ହୋଇଥିଲା। ମାଘ ମାସ ମକର ସଂକ୍ରାନ୍ତିରେ ଏହି ମେଳା ହେଉଥିବା ବେଳେ ଏହା ୨ ଦିନ ଧରି ଚାଲେ। ଜଙ୍ଗଲର ମନୋରମ ଦୃଶ୍ୟ ସହ ପାହାଡ଼ର ପଥର ଗୁମ୍ଫାଗୁଡ଼ିକୁ ଯାତ୍ରୀମାନେ ଦେଖି ଉପଭୋଗ କରନ୍ତି। ପାହାଡ଼ର ୫ ଶହରୁ ଊର୍ଦ୍ଧ୍ୱ ଫୁଟ ଉଚ୍ଚରେ ଥିବା ଏକ ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ମା' ସୁଭଦ୍ରାଙ୍କୁ ପୂଜା କରାଯାଏ। ସେହି ପାହାଡ଼ ଶିଖରରେ ସାଧୁ, ସନ୍ନ୍ୟାସୀ ଓ ଆଧ୍ୟାତ୍ମିକଙ୍କ ପକ୍ଷରୁ ଯଜ୍ଞ ଓ ନାମ ସଂକୀର୍ତ୍ତନ କରାଯାଏ। ଲୋକକଥାରେ ପଞ୍ଚୁପାଣ୍ଡବଙ୍କ ଅଜ୍ଞାତ ବନବାସ ସମୟରେ ସେଠାରେ ପାଣ୍ଡବମାନେ ବସବାସ କରୁଥିବା କିମ୍ବଦନ୍ତୀରୁ ଜଣାଯାଏ। ପାଣ୍ଡବମାନଙ୍କର ପାଠଶାଳା, ପେଜନଳା, ଦ୍ରୌପଦୀଙ୍କର ଶୟନକକ୍ଷ ସେଠାରେ ଥିବା ବଡ଼ବଡ଼ ପଥର ଗୁମ୍ଫାରୁ ଲୋକମତରେ ଜଣାଯାଏ। ପ୍ରତିବର୍ଷ ମାଘ ମାସ ମକର ସଂକ୍ରାନ୍ତିରେ ଏହି ମେଳା ହେଉଥିବା ବେଳେ ପାହାଡ଼ ଶିଖରରେ ମେଳା ସ୍ଥାନକୁ ଯିବା ପାଇଁ ରାସ୍ତାଟିଏ ନ ଥିବାରୁ ଯାତ୍ରୀମାନେ ବିପଦପୂର୍ଣ୍ଣ ଅବସ୍ଥାରେ ଯାଉଥିବା ଦେଖାଯାଏ। ଏହି ମେଳାରେ ପାନୀୟଜଳ ଓ ଆଲୋକ ବ୍ୟବସ୍ଥା ନାହିଁ। ଏହି ମେଳା ସରକାରୀ ସ୍ତରରେ ଏକ ପର୍ଯ୍ୟଟନୀସ୍ଥଳୀର ମାନ୍ୟତା ପାଇଁ ସାଧାରଣରେ ବାରମ୍ବାର ଦାବି ହେଉଥିଲେ ବି ତାହା କାର୍ଯ୍ୟକାରୀ ହେଇପାରୁନାହିଁ। ମେଳାରେ ବିଭିନ୍ନ ବ୍ୟବସାୟୀମାନେ ପସରା ମେଳାଇଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଯୁବ ଗୋଷ୍ଠୀଙ୍କ ପକ୍ଷରୁ ଯାତ୍ରୀମାନଙ୍କ ଯିବା ଆସିବା ଓ ପାନୀୟଜଳ ବ୍ୟବସ୍ଥା କରିଥିବା ଜଣାଯାଇଛି।

## 'ଆନନ୍ଦପୁର ଇତିହାସ ସଂସ୍କୃତିର କଥା' ଲୋକାର୍ପିତ

ଆନନ୍ଦପୁର,୧୫।୧(ସ୍ୱ.ପ୍ର.)

ମକର ସଂକ୍ରାନ୍ତି ଅବସରରେ ଆନନ୍ଦପୁର ମହାବିଦ୍ୟାଳୟ ସଭାଗୃହରେ 'ଆନନ୍ଦପୁର ଇତିହାସ ସଂସ୍କୃତିର କଥା' ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଆନନ୍ଦପୁର ପୌରପରିଷଦ ୭ ନଂ. ୱାର୍ଡର ବାସିନ୍ଦା ଡା. ଶିଶିର ଦାସଙ୍କ ସାନପୁଅ ତଥା ଭଦ୍ରକ ପିଡି ଡିଆର୍‌ଡିଏ ଭାବେ କାର୍ଯ୍ୟରତ ପ୍ରତାପ ପ୍ରତିମୟଙ୍କ ଦ୍ୱାରା ଲିଖିତ ଏହି ପୁସ୍ତକ ଆନନ୍ଦପୁର ପାଇଁ ଏକ ସ୍ୱତନ୍ତ୍ର ଫର୍ଦ୍ଦ ସୃଷ୍ଟି କରିଛି। ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ବିଜୟ କର, ପ୍ରଫେସର ରମାକାନ୍ତ ନାୟକ, ଡା. ଦାସ, ଶିକ୍ଷାବିତ୍ ଉମାକାନ୍ତ ନାୟକ, ପବିତ୍ର ମୋହନ ବେହେରା, ନାରାୟଣ ସା, ଶିଶୁ ସାହିତ୍ୟିକ ରତ୍ନାକର ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ପୁସ୍ତକ ମାଧ୍ୟମରେ ଆନନ୍ଦପୁରର ସୃଷ୍ଟି କଥା ଲୋକଲୋଚନକୁ ଅଣାଯାଇଥିବା ବେଳେ ଉପଖଣ୍ଡରେ ଥିବା ଧର୍ମପୀଠସ୍ଥଳୀଗୁଡ଼ିକ ସମ୍ପର୍କରେ ମଧ୍ୟ ବିସ୍ତୃତ ବିବରଣୀ ପ୍ରକାଶ ପାଇଛି। ଆନନ୍ଦପୁରର ଭୌଗଳିକ ସ୍ଥିତି, ସାମାଜିକ ଚଳଣି, ପରିଚିତ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଅବଲୋକନ କରାଯାଇଛି।

## ଥାନା ପରିସରରେ ଖୋଲିଲା 'ଅମୃତ ଧାରା'

କରଞ୍ଜିଆ,୧୫।୧(ଡି.ଏନ୍.ଏ)

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ପରିସରରେ ସାଧାରଣ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଉଦ୍ଦେଶ୍ୟରେ ମାରୁୱାଡ଼ି ଯୁବା ମଞ୍ଚ ଆନୁକୂଲ୍ୟରେ ଓ ଆମ ପୋଲିସ ସମିତି ସହଯୋଗରେ 'ଅମୃତଧାରା' ଉଦ୍‌ଘାଟିତ ହୋଇଛି। ପାଞ୍ଚପୀର ଉପଖଣ୍ଡର ପୋଲିସ ଅଧିକାରୀ ସୁଦର୍ଶନ ଗାଙ୍ଗଇ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଥାନାଧିକାରୀ ରଞ୍ଜନ ସେଠୀ, ଥାନାଧିକାରୀ ସୂଚନ୍ଦ୍ର ମହାଳିକ, ଓକିଲ ସଂଘ ସଭାପତି ଦୀପକ ଦାସ, ପ୍ରସାଦ ଶହ, ବେବାସୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଯୁବ ମଞ୍ଚର ସୁଧୀର ଭାରୁକା, ରବି ଅଗ୍ରୱାଲ, ରିତେଶ ଅଗ୍ରୱାଲ, ରୁପେସ ସରାଫ, ଆଶିଷ ଅଗ୍ରୱାଲ, ରାକେଶ ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ।

# ବିରୋଧ ସତ୍ତ୍ୱେ ରଦ୍ଦ ହେଉନି ଗ୍ରାମସଭା

କେନ୍ଦୁଝର/ଯୋଡ଼ା,୧୫।୧ (ସ୍ୱ.ପ୍ର./ଡି.ଏନ୍.ଏ)

- ନର୍ଭେରାମ ପାୱାର ଓ ଷ୍ଟିଲ୍ କମ୍ପାନୀ
- ଅସନ୍ତୋଷ ପ୍ରକାଶ କଲେ ଅଞ୍ଚଳବାସୀ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତ ଟଂଟୋ ଗ୍ରାମରେ ଥିବା ନର୍ଭେରାମ ପାୱାର ଓ ଷ୍ଟିଲ୍ ପ୍ରାଇଭେଟ ଲିଃ କମ୍ପାନୀ ପାଇଁ ହୋଇଥିବା ଗ୍ରାମସଭା ବାତିଲ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଉକ୍ତ କମ୍ପାନୀର ପ୍ରସ୍ତାବିତ ୨.୪ ନିୟୁତ ଟନ୍ ଲୁହାପଥର ପିଲେଟ କାରଖାନା ଉତ୍ପାଦନ ପାଇଁ ୨୭.୨୯ ଏକର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ ପାଇଁ ଏହି ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ବିରୋଧ ସତ୍ତ୍ୱେ ଗ୍ରାମସଭା ରଦ୍ଦ କରାଯାଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ଗ୍ରାମସଭା ୨୦୨୨ ଅକ୍ଟୋବର ୧୪ରେ ଅନୁଷ୍ଠିତ ହୋଇଥିଲା। ଗ୍ରାମସଭାରେ ସମୁଦାୟ ୧୨୨ ଜଣ ମତ ରଖିଥିବାବେଳେ ସେଥି ମଧ୍ୟରୁ ଅଧାରୁ ଅଧିକ ପ୍ରକଳ୍ପ ବିରୋଧରେ ମତ ଦେଇଥିଲେ। ତେଣୁ ଉକ୍ତ ଗ୍ରାମସଭାକୁ ରଦ୍ଦ କରିବା ପାଇଁ ସ୍ଥାନୀୟ ଆଦିବାସୀ ଦାବି କରିଥିଲେ। ଏ ନେଇ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲା ପ୍ରଶାସନକୁ ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳି ନାହିଁ। ଗ୍ରାମସଭା ରଦ୍ଦ କରିବା ସହ କମ୍ପାନୀ ଦେଉଥିବା ପ୍ରତିଶ୍ରୁତି ପାଳନ କରୁ ନ ଥିବା ଏବଂ ଲୋକଙ୍କୁ ବିଭିନ୍ନ ଆଳରେ ପୋଲିସ ଭୟ ଦେଖାଉଥିବା ନେଇ ରାଜ କିଶୋର ମୁଣ୍ଡା ଓ ଅନ୍ୟମାନେ ଜାତୀୟ ଏସ୍‌ଟି କମିଶନ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗ୍ରହଣ କରି କମିଶନ ଚିଠି ନମ୍ବର ଓଆର ୧୨/୨୦୨୨, ୩୦ ନଭେମ୍ବର ୨୦୨୨ରେ ଜିଲାପାଳଙ୍କୁ କମିଶନ ନୋଟିସ କରିଥିଲା। ତେବେ ଅଦ୍ୟାବଧି ଉକ୍ତ ଗ୍ରାମସଭା ରଦ୍ଦ କରାଯାଇ ନ ଥିବାରୁ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଆଲୋକ



@ଅଂଶୁମାନ



@ଚିରଞ୍ଜୀବ



@ମାନସ



@ସଞ୍ଜୀବ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

## ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ମହାଯଜ୍ଞ

ଘଟଗାଁ,୧୫।୧(ଡି.ଏନ୍.ଏ)

କେନ୍ଦୁଝର ଜିଲା ଘଟଗାଁ ବ୍ରାହ୍ମଣ ସମାଜ ପକ୍ଷରୁ ବିଶ୍ୱ କଲ୍ୟାଣ ପାଇଁ ଧର୍ମ ରକ୍ଷା ନିମିତ୍ତ ଘଟଗାଁ ଶନିଶ୍ଚର ମନ୍ଦିର ପ୍ରାଙ୍ଗଣରେ ଗୀତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରା ରୋପଣ, ପଞ୍ଚଗୋବ୍ୟ ଶୋଧନ, କୁଣ୍ଡ ମଣ୍ଡପ ଶୋଧନ କରାଯାଇ ରବିବାର ସୂର୍ଯ୍ୟ ପୂଜା, କଳସ ପୂଜା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇ ଶେଷରେ ପୂର୍ଣ୍ଣାହୁତି ହୋଇଥିଲା। ବ୍ରାହ୍ମଣ ସମାଜର ସଭାପତି ଦିଲ୍ଲୀପ ପ୍ରହରାଜ, ଉପସଭାପତି ରମେଶ ଚନ୍ଦ୍ର ମିଶ୍ର, ସମ୍ପାଦକ ପ୍ରଳୟ ପ୍ରଭଞ୍ଜନ ଶତପଥୀ, ସହ ସମ୍ପାଦକ ସୁବ୍ରତ ପଣ୍ଡା, କୋଷାଧକ୍ଷ ଜଗବନ୍ଧୁ ଶା, ସଭ୍ୟ ଭୀମସେନ କର, ଲକ୍ଷ୍ମୀଧର ପାଢ଼ୀ, ସୁରେଶ ପାଣିଗ୍ରାହୀ, ବିପ୍ରବର ଦୀକ୍ଷିତ ଉପସ୍ଥିତ ଥିଲେ। ସଂକଳ୍ପରେ ରମେଶ ଚନ୍ଦ୍ର ମିଶ୍ର ଓ ଜ୍ୟୋସ୍ନାମୟୀ ମିଶ୍ର ବସିଥିଲେ।

## ମୋନାଲିସାଙ୍କୁ ମିସ୍ ବାଲେଶ୍ୱର ଟାଇଟଲ




ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥିଗଣ

ବାଲେଶ୍ୱର ଅଫିସ, ୧୫।୧

ବାଲେଶ୍ୱର ସହରସ୍ଥିତ ମାଣିଖମ୍ବ କ୍ରୀଡ଼ା ସଂଘ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ପ୍ରତିଯୋଗିତାରେ ସମସ୍ତ ବୟସର ପ୍ରାୟ ୨ହଜାରରୁ ଅଧିକ ଅଞ୍ଚଳବାସୀ ଭାଗ ନେଇଥିଲେ। ସମସ୍ତ ବୟସର ମହିଳା ଓ ପୁରୁଷଙ୍କୁ ନେଇ ଦୌଡ଼ ପ୍ରତିଯୋଗିତା, ୧୨ବର୍ଷରୁ କମ ବାଳକ ଓ ବାଳିକାଙ୍କୁ ନେଇ ଧୀର ସାଇକେଲ ଚାଳନା, ମ୍ୟାଥ ରେସ, ପଟାଟୋ ରେସ, ସ୍କିପିଂ, ମ୍ୟୁଜିକ ଚେୟାର, ସର୍ଟ ପୁଟ ଥ୍ରୋ ଭଳି ଅନେକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଫ୍ୟାନସୀ ଡ୍ରେସ ପ୍ରତିଯୋଗିତାରେ ଅଞ୍ଚଳର ଆରାଧ୍ୟା ପ୍ରଧାନ ପୁରସ୍କୃତ ହୋଇଥିବା ବେଳେ ମୋନାଲିସା ପ୍ରଧାନ ମିସ୍ ବାଲେଶ୍ୱରର ଟାଇଟେଲ ହାତେଇଥିଲେ। ବାଲେଶ୍ୱର ମାଟିର ଗର୍ବ, ଓଡ଼ିଆ ଭାଷା ସାହିତ୍ୟର ଯୁଗାନ୍ତକାରୀ ପୁରୁଷ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ଜୟନ୍ତୀ ସମାରୋହରେ ସାଂସ୍କୃତିକ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମ୍ପାଦକ ମନୋଜ କୁମାର ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କାଉନ୍‌ସିଲର ପଦ୍ମଲୋଚନ ଲେଙ୍କା, ପୂର୍ବତନ କାଉନ୍‌ସିଲର ଭାଗବତ ସାହୁ, ସୌମ୍ୟରଞ୍ଜନ ଯାଦବ, ଶିବଦାସ କୁଣ୍ଡୁ, ବିକ୍ରମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ରଟନ୍ତିକାଳୀ ପୂଜା ପାଇଁ ସଜେଇ ହେଲାଣି ଅସୁରାଳି

ଭଦ୍ରକ ଅଫିସ,୧୫।୧

ଭଦ୍ରକ ଜିଲା ଧାମନଗର ବ୍ଲକର ଅସୁରାଳିଠାରେ ପ୍ରାୟ ୭୬ବର୍ଷ ଧରି ପୂଜା ପାଇ ଆସୁଛନ୍ତି ମା' ରଟନ୍ତି କାଳୀ। ଆସନ୍ତା ୨୦ତାରିଖରୁ ଏହି ପୂଜା ଆରମ୍ଭ ହେବ। ଏଥିପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଜୋରଦାର ହୋଇଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂଜା ପାଇଁ ଅସୁରାଳି ଅଞ୍ଚଳ ସଜେଇ ହେଲାଣି। ସେହିପରି ପୂଜା ଅବସରରେ ଯାତ୍ରା, ସିନେମା, ସର୍କସ, ମୀନାବଜାର, ପାଲା, ଭଜନ, ଆଧ୍ୟାତ୍ମିକ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୦ ତାରିଖରେ ବିଶାଳ କଳସ ଶୋଭାଯାତ୍ରା କରାଯାଇ ପୂଜା ଆରମ୍ଭ ହେବ। ୩୧ ତାରିଖରେ ପୂଜା ଉଦ୍‌ଯାପିତ ହୋଇ ଭସାଣି ଅନୁଷ୍ଠିତ ହେବ। ଭଦ୍ରକ ସମେତ ପଡ଼ୋଶୀ ଯାଜପୁର ଜିଲାର ହଜାର ହଜାର ଜନସାଧାରଣ ମା'ଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି।

୧୯୪୮ରେ ସମାଜସେବୀ ସ୍ୱର୍ଗତ ବଳରାମ ନାୟକ, ଡା. ଶଙ୍କର୍ଷଣ ଦାସ, ବାବାଜୀ ନାୟକ, ପଞ୍ଚାନନ ଦାସ ଓ ଗୌରାଙ୍ଗ ଦାସଙ୍କ ସହଯାଗ, ସଦାନନ୍ଦ ସରସ୍ୱତୀ ଶ୍ରୀ ବୈରାଗୀ ବାବାଙ୍କ ତତ୍ତ୍ୱାବଧାନରେ ଅସୁରାଳି ଗାନ୍ଧୀ କୁଟୀରରେ ପୂଜା ଆରମ୍ଭ କରାଯାଇଥିଲା। ପରେ ଅସୁରାଳିର ବ୍ୟବସାୟୀ ଗୋଷ୍ଠୀ, ଅସୁରାଳି, ଫତେପୁର ଓ ଗଡିଆଳି ପଞ୍ଚାୟତର ଜନସାଧାରଣଙ୍କ ସହଯୋଗରେ ଏହା ଏକ ଗଣପର୍ବରେ ପରିଣତ ହୋଇଛି। ଚଳିତବର୍ଷ କୋଭିଡ୍ କଟକଣା ନ ଥିବାରୁ ବହୁ ଆଡ଼ମ୍ବରରେ ପୂଜା ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ଡା. ସଦାଶିବ ଦାସ, ସମ୍ପାଦକ ଅଜୟ ସ୍ୱାଇଁ, ସହସମ୍ପାଦକ ଅମୂଲ୍ୟ ବେହେରା, ଉପଦେଷ୍ଟା ଅଙ୍କୁର କବି, ନାରାୟଣ ସାହୁ ଓ ହେମେନ୍ଦ୍ର ସାହୁ କହିଛନ୍ତି।



ରଟନ୍ତିକାଳୀଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

# ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ଜଗନ୍ନାଥ

## ସହାୟତା ପାଇଁ ପରିବାର ଲୋକଙ୍କ ନିବେଦନ

ଆରଡ଼ି, ୧୫।୧ (ଡି.ଏନ୍.ଏ.)

ଭଦ୍ରକ ଜିଲା ଧୁଷୁରୀ ଥାନା ଅଧୀନ ଅଜମତପୁର ଗାଁର ଜଗନ୍ନାଥ ଜେନା(୪୯) ଫୁସ୍‌ଫୁସ୍ ସଂକ୍ରମଣ ଜନିତ ରୋଗରେ ପୀଡ଼ିତ। ୨୧ଦିନ ହେଲା ଦୁବାଇର ଇଣ୍ଟରନ୍ୟାଶନାଲ ମଡର୍ଣ୍ଣ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ରହିଥିବା ବେଳେ ସେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଚିକିତ୍ସା ଅତ୍ୟନ୍ତ ବ୍ୟୟସାପେକ୍ଷ ହୋଇଥିବାରୁ ତାଙ୍କ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି।

ଜଗନ୍ନାଥ ଗତ କିଛିବର୍ଷ ହେଲା ସେଠାରେ ରାଜମିସ୍ତ୍ରୀ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଗତ ଡିସେମ୍ବରରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ଜାରି ରହିଥିବା ବେଳେ ସେଠାରେ କାମ କରୁଥିବା ଜଣେ ପରିଚିତ ବ୍ୟକ୍ତି ତାଙ୍କର ଦେଖାଶୁଣା କରୁଛନ୍ତି। ଏହାମଧ୍ୟରେ ତାଙ୍କ ଚିକିତ୍ସା ପାଇଁ ୧୮ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି। ଚିକିତ୍ସା ଲାଗି ଆହୁରି ଅଧିକ ଅର୍ଥରାଶି ଆବଶ୍ୟକ ଥିବାରୁ ସହାୟତା ପାଇଁ ଜଗନ୍ନାଥଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା ଆକୁଳ ନିବେଦନ କରିଛନ୍ତି। ଗ୍ରାମର ଯୁବକମାନେ ମଧ୍ୟ ଗାଁ ଗାଁ ବୁଲି ଆର୍ଥିକ ସାହାଯ୍ୟ ଭିକ୍ଷା କରୁଛନ୍ତି। ଜଗନ୍ନାଥଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ପ୍ରଦାନ କରାଯିବାକୁ ସ୍ୱେଚ୍ଛାସେବୀ ସଙ୍ଗଠକ ପରାଗ ରଞ୍ଜନ ସାମଲ ଦାବି କରିଛନ୍ତି। ଏଥିସହ ସହାୟତାର ହାତ ବଢ଼ାଇବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନକୁ ସେ ନିବେଦନ କରିଛନ୍ତି।



ଆଇସିୟୁରେ ଚିକିତ୍ସାଧୀନ ଜଗନ୍ନାଥ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ୧୮୧ତମ ଫକୀରମୋହନ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶାନ୍ତିକାନନ, ସମୟ: ଦିବସବ୍ୟାପୀ।
- ବାଲେଶ୍ୱର ଜିଲା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସରକାରୀ ଆଇଟିଆଇ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା ୩୦।

# 'ଦେଶର ସ୍ୱାଭିମାନ ରକ୍ଷା ଲାଗି ଛାତ୍ରୀଛାତ୍ର ଆଗେଇ ଆସନ୍ତୁ'

**ବାହାନଗା, ୧୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ୍ ଅଭଣା ଗ୍ରାମରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ଦେଶର ସ୍ୱାଭିମାନ ରକ୍ଷା ଲାଗି ଆଗେଇ ଆସନ୍ତୁ ବୋଲି କହିଥିଲେ । ସଭାରେ ସଭାପତିତ୍ୱ କରିଥିଲେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପବନ୍ଧୁ ନାୟକ। ମୁଖ୍ୟବକ୍ତା ଭାବେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ସମ୍ମାନନୀୟ ଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ସମ୍ମାନିତ ବକ୍ତା ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ମାନସ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ପୂର୍ବତନ ଛାତ୍ର ସଂସଦ ଦ୍ୱାରା ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ମକର ସଂକ୍ରାନ୍ତିରେ ଲାଖବିନ୍ଧା

**ନୀଳଗିରି, ୧୫।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଆଦିବାସୀ ବହୁଳ ଗାଁ ଦଲଦଲିଠାରେ ଚଳିତବର୍ଷ ମକର ସଂକ୍ରାନ୍ତି ଉପଲକ୍ଷେ ଆଦିବାସୀମାନଙ୍କର ମୁଖ୍ୟ ପର୍ବ 'ଲାଖବିନ୍ଧା' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି।

ସମାଜସେବୀ ସବ୍ୟସାଚୀ ମହାପାତ୍ର ଯୋଗଦେଇ ଧନୁତୀର ମାରି ଲାଖବିନ୍ଧା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମକର ପର୍ବ ହିଁ ଆଦିବାସୀ ସମ୍ପ୍ରଦାୟର ବଡ଼ପର୍ବ । ଏହି ପର୍ବରେ ପ୍ରତି ଘରେ ବନ୍ଧୁବାନ୍ଧବମାନେ ଏକତ୍ରିତ ହୋଇ ସେମାନଙ୍କର ଆରାଧ୍ୟ ଦେବତାଙ୍କୁ ମହାଆଡ଼ମ୍ବର ସହକାରେ ପୂଜାର୍ଚ୍ଚନା କରିଥାନ୍ତି । ରୀତିନୀତି ଅନୁସାରେ ପୂଜାସ୍ଥଳକୁ ଗୋବର ପାଣିରେ ଲିପାପୋଛା କରାଯାଇ ସମସ୍ତଙ୍କ ଘରେ ଥିବା ଧନୁତୀରକୁ ପୂଜାସ୍ଥଳରେ ଏକଜୁଟ କରି ପୂଜାର୍ଚ୍ଚନା କରିଥାନ୍ତି। ଏହାଦ୍ୱାରା ଆଦିବାସୀଙ୍କ ମଧ୍ୟରେ ଭାଇଚାରା ସମ୍ପର୍କ ବୃଦ୍ଧି ହୋଇଥାଏ ବୋଲି ସୂଚନା ଦେଇଛନ୍ତି ।



ଦଲଦଲିଠାରେ ଲାଖବିନ୍ଧା କାର୍ଯ୍ୟକ୍ରମ।

# 'ଉଗରା ବେଳାଭୂମି ବିଶ୍ୱରେ ଅନନ୍ୟ'

**ବାଲିଆପାଳ, ୧୫।୧(ସ୍ୱ.ପ୍ର)**

ବାଲେଶ୍ୱର ଜିଲା ବାଲିଆପାଳ ଅଞ୍ଚଳର ଡଗରା ବେଳାଭୂମି ୨୪କି.ମି. ପରିବ୍ୟାପ୍ତ ଅଗଭୀର ସମତଳ ବେଳାଭୂମି। ଡଗରା ବେଳାଭୂମି ବିଶ୍ୱରେ ଅନନ୍ୟ ବୋଲି ଶନିବାର ସନ୍ଧ୍ୟାରେ ୧୯ ତମ ଡଗରା ବେଳାଭୂମି ମହୋତ୍ସବକୁ ଉଦ୍‌ଘାଟନ କରି ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଭାରତ ସରକାରଙ୍କ ଜଙ୍ଗଲ କିସମ ଜାଗା ଓ ସିଆରଜେଡ ମଧ୍ୟରେ ଏହା ରହୁଥିବାରୁ ଏହାର ବିକାଶ ତ୍ୱରାନ୍ୱିତ ହେଉ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଏସବୁ ପ୍ରତିବନ୍ଧକ ଦୂର ହୋଇ ଏହାର ବିକାଶ ଆଗକୁ ବଢ଼ିବ ବୋଲି ସେମାନେ ମଧ କହିଛନ୍ତି। ଉତ୍ସବ କମିଟି ସଭାପତି ଅଧାପକ ଡ. ସୁକାନ୍ତ ଗିରିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ଉଦଘାଟିକା, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି, ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ ମୁଖ୍ୟବକ୍ତା, ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ୨୨ ନଂ. ଜିଲା ପରିଷଦ ସଦସ୍ୟ ନିଶାକର ସେଠୀ, ୨୩ ନଂ. ଜିଲା ପରିଷଦ ସଦସ୍ୟ ବେଣୁଧର ଜେନା, ଡଗରା ଗ୍ରାମ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# 'ସାମାଜିକ କର୍ମୀ ଅସହାୟଙ୍କ ଦେବଦୂତ ସଦୃଶ'

### କେନ୍ଦୁଝର ସମାଜସେବୀ ମହାସଂଘର ବାର୍ଷିକୋତ୍ସବ

**କେନ୍ଦୁଝର, ୧୫।୧(ସ୍ୱ.ପ୍ର/ଡି.ଏନ୍.ଏ)**

କେନ୍ଦୁଝର ସଂସ୍କୃତି ଭବନଠାରେ ରବିବାର କେନ୍ଦୁଝର ସମାଜସେବୀ ମହାସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଯାଇଛି। ପ୍ରାରମ୍ଭରେ ମା' ତାରିଣୀ ଏବଂ ବଳଦେବଜିଉଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରିଥିଲେ। ପରେ କେନ୍ଦୁଝର ଜିଲାର କୁନି ସମାଜସେବୀ ରୋଜାଲିନ ସାହୁ ଓ କଟକ ଜିଲାର ଯୁବ ସମାଜସେବୀ ଅଭିଜିତ ପୃଷ୍ଟିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମରେ ସଦର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇ ସମାଜସେବୀ ସମାଜର ଅସହାୟ ଓ ରୋଗୀଙ୍କ ପାଇଁ ଦେବଦୂତ ସାଜୁଛନ୍ତି ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦୁଝରଗଡ଼ ମ୍ୟୁନିସିପାଲିଟିର ଚେୟାରମ୍ୟାନ ନିକୁ ସାହୁ ସାମାଜିକକର୍ମୀଙ୍କ ନିଃସ୍ୱାର୍ଥପର ସେବା ଭାବକୁ ପ୍ରଶଂସା କରିବା ସହିତ ଆଗକୁ ଆହୁରି ଏକାଠି ହୋଇ କାମ କରିବାକୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ, ସିଟିଜି ଫାଉଣ୍ଡେସନର ଚେୟାରମ୍ୟାନ ଡ. ରାଜେନ୍ଦ୍ର ପଲେଇ, ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ଶିବଚରଣ ବାଗ, ବିଶିଷ୍ଟ ଗାନ୍ଧୀବାଦୀ ତଥା ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ଗୁପ୍ତଗଙ୍ଗା ଅଗରବତୀର ସ୍ୱାଧିକାରୀ ଟୁଟୁ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟଙ୍କୁ ଅତିଥିମାନେ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। ଜିଲାର କାର୍ଯ୍ୟରତ ୩୬ଟି ସଂଗଠନର ଅନେକ ସ୍ୱେଚ୍ଛାସେବୀ ସଦସ୍ୟ ଯୋଗଦେଇଥିଲେ।



ଜଣେ ସାମାଜିକ କର୍ମୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପ୍ରକଳ୍ପରୁ ଯନ୍ତ୍ରାଂଶ ଚୋରି, ଜଳ ଯୋଗାଣ ଠପ୍

**ଗୋପବନ୍ଧୁ ନଗର, ୧୫।୧(ଡି.ଏନ୍.ଏ.)**

ବମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକ ଅଧୀନ କୁଆମରା ପଞ୍ଚାୟତ ସିଙ୍କିଡିଆ ଗ୍ରାମରେ ସପ୍ତାହେ ପୂର୍ବରୁ ଦୁର୍ବୃତ୍ତମାନେ ପାନୀୟ ଜଳ ପ୍ରକଳ୍ପରୁ ଯନ୍ତ୍ରାଂଶ ଚୋରି କରି ନେଇଛନ୍ତି। ଫଳରେ ଗ୍ରାମର ଶତାଧିକ ପରିବାର ପାନୀୟ ଜଳ ପାଇଁ ହଇରାଣ ହୋଇଛନ୍ତି। ୧୦ବର୍ଷ ତଳେ ବିଭାଗ ପକ୍ଷରୁ ଏଠାରେ ପାନୀୟ ଜଳ ପ୍ରକଳ୍ପ ସ୍ଥାପନ କରାଯାଇଥିଲା। ଉକ୍ତ ପ୍ରକଳ୍ପରୁ ୧୩୦ ପରିବାରର ୮ଶହ ଲୋକ ପାନୀୟ ଜଳ ପାଇପାରୁ ଥିଲେ। ମାତ୍ର ସପ୍ତାହେ ହେଲା ପାନୀୟ ଜଳ ଯୋଗାଣ ଠପ୍ ହୋଇପଡ଼ିଛି।

ଅନ୍ୟପଟେ ଗ୍ରାମରେ ଥିବା ନଳକୂପଗୁଡ଼ିକ ଦୀର୍ଘଦିନ ଧରି ବ୍ୟବହାର ନ ହେବା ଯୋଗୁ କେଉଁଠି ଅଚଳ ହୋଇପଡ଼ିଛି ତ କେଉଁଠି ଲୌହଯୁକ୍ତ ପାଣି ବାହାରୁଛି। ଏହାବ୍ୟତୀତ ବର୍ଷା ଅଭାବରୁ ଗଭୀର କୂପଗୁଡ଼ିକର ଜଳସ୍ତର ତଳକୁ ଖସିଯାଇଛି। କୂପ ମଧ୍ୟରୁ ସଂଗ୍ରହ କରାଯାଉଥିବା ପାଣି ଗୋଳିଆ ଦେଖିବାକୁ ମିଳୁଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଲୋକଙ୍କ ଚିନ୍ତା ବଢ଼ିଯାଇଛି। ସେହିପରି ଗ୍ରାମ ନିକଟସ୍ଥ ଚାଷଜମି ପାଖକୁ ଅନ୍ୟ ଏକ ପ୍ରକଳ୍ପ ପାଇଁ ଯାଇଥିବା ବିଦ୍ୟୁତ୍ ତାରଗୁଡ଼ିକୁ ଚୋରମାନେ କାଟି ନେବା ପରଠାରୁ ସେଠାରେ ମଧ ପ୍ରକଳ୍ପ ବନ୍ଦ ରହିଛି। ଫଳରେ ଏବର୍ଷ ରବି ଋତୁରେ ଚାଷ କାର୍ଯ୍ୟ ହେବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

# ବାରାପୁର ମକର ମହୋତ୍ସବ

**ବାସୁଦେବପୁର, ୧୫।୧(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁରର ବାରାପୁର ମକର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ମହୋତ୍ସବ ଲୋକଙ୍କୁ ବନ୍ଧୁତ୍ୱ ଭାଇଚାରାରେ ବାନ୍ଧି ରଖିଥାଏ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ କହିଥିଲେ, ମହୋତ୍ସବ ଅଞ୍ଚଳର ଗୌରବ ବୃଦ୍ଧି କରିବା ସହ ପରସ୍ପର ମଧ୍ୟରେ ସୁସମ୍ପର୍କ ରଖିବାରେ ସହାୟକ ହୋଇଥାଏ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧିବିଗ୍ରହ, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ଦାସ, ସାମାଜିକ କର୍ମୀ ପ୍ରଭାତ ବିଶ୍ୱାଳ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମୁକ୍ତିକାନ୍ତ ଅଗସ୍ତୀ ସଭାପତିତ୍ୱ କରିଥିବା ବେଳେ ଅମୀୟ ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ବାରାପୁର ମହାବୀର କ୍ଲବ ଆନୁକୂଲ୍ୟରେ ଆୟୋଜିତ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ମହୋତ୍ସବରେ ଉପସ୍ଥିତ ଅତିଥି।

# ଥାନାଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ମୋରଡ଼ା, ୧୫।୧(ଡି.ଏନ.ଏ): ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ଖୁଣ୍ଟା ଥାନାକୁ ବଦଳି ହୋଇଛି। ଏନେଇ ନୂତନ ଥାନାଧିକାରୀ ରଞ୍ଜନ ସେଠୀଙ୍କ ନେତୃତ୍ୱରେ ଥାନା ପରିସରରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା। ସେଠୀଙ୍କୁ ମଧ ସ୍ୱାଗତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାସଗୋବିନ୍ଦପୁର ବ୍ଲକ୍‌ର ବରିଷ୍ଠ ନାଗରିକ କମିଟି ସଦସ୍ୟ, ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବନମହୋତ୍ସବ



**ଯୋଡ଼ା, ୧୫।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସତ୍‌ସଙ୍ଗ ବିହାର ପକ୍ଷରୁ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବନମହୋତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କ କନ୍ୟା ସାଧନା ଦେବୀଙ୍କ ନିବେଦନ କ୍ରମେ ପରମ ଦୟାଲଙ୍କ ଆଶୀର୍ବାଦରୁ ପ୍ରଥମେ ଦେଓଘରସ୍ଥିତ ମାଣିକପୁରଠାରେ ବନମହୋତ୍ସବ ଶୁଭାରମ୍ଭ ହୋଇଥିଲା। ସ୍ମୃତିକୁ ବହନକରି ପ୍ରତିବର୍ଷ ଜାନୁୟାରୀରେ ସମସ୍ତ କେନ୍ଦ୍ର ବିହାରମାନଙ୍କରେ ଥିବା ଭାଇ ଓ ମା'ମାନେ ଏହି ଉତ୍ସବ ପାଳନ କରିଥାନ୍ତି। ଏହି କ୍ରମରେ ରବିବାର ଯୋଡ଼ା ସତ୍‌ସଙ୍ଗ ବିହାରର ଇନଚାର୍ଜ ମଦନ ମୋହନ ବାରିକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯୋଡ଼ା ଶ୍ରୀ ମନ୍ଦିର ପଛ ପାର୍ଶ୍ୱରେ ବନମହୋତ୍ସବ ଆୟୋଜନ ହୋଇଥିବା ବେଳେ ଏଥିରେ ଯୋଡ଼ା ପୌର ଉପଧକ୍ଷା ସନ୍ଧ୍ୟା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦିବସ ବ୍ୟାପି କାର୍ଯ୍ୟକ୍ରମ ମଧ୍ୟରେ ପୂର୍ବାହ୍ନ ୧୦ଟାରେ ସଙ୍ଗୀତାଞ୍ଜଳୀ, ୧୧.୩୦ରେ ନାମ ସଂକୀର୍ତ୍ତନ ସତସଙ୍ଗ ମଧ୍ୟରେ ପ୍ରାର୍ଥନା, ସଦଗ୍ରନ୍ଥ ପାଠ ସହିତ ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳର ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ଭକ୍ତ ଓ ଅନୁରାଗୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହ ପ୍ରତି ରିତିକ ଅଶୋକ ପାଣିଗ୍ରାହୀ, ଯାଜକ ହୃଷୀକେଶ ବେହେରା, ମନୋଜ ମହାରଣା, ଚିନ୍ମୟ ପଟ୍ଟନାୟକ, ପ୍ରତାପଚନ୍ଦ୍ର ନାୟକ, ଭଗବାନ ଗିରି, କିଶୋର ନନ୍ଦ, ଖରାରୀ ମୋହନ ମଣ୍ଡଳ, କିଶୋର ପାତ୍ର, ମନ୍ଦିର ପୂଜକ ବାଇଧର ଦାଶ ପ୍ରଭୃତି ସହଯୋଗ କରିଥିଲେ।

# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ରୂପସା/ବସ୍ତା, ୧୫।୧(ଡି.ଏନ.ଏ.)**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ଥାନା ଚକ୍ରଡ଼ା ଗ୍ରାମରେ।ଚକ୍ରଡା ଗ୍ରାମର ଆଲୋକ ବେହେରାଙ୍କ ସହିତ ରେଣୁପଦା ଗ୍ରାମର ମନୋରଞ୍ଜନ ପାଣିଗ୍ରାହୀଙ୍କ ପୂର୍ବରୁ ବିବାଦ ଲାଗି ରହିଥିଲା। ରବିବାର ଚକ୍ରଡ଼ା ହାଟ ଥିବାରୁ ମନୋରଞ୍ଜନ ହାଟ କରିବାକୁ ଆସିଥିଲେ। ହାଟରେ ଉଭୟଙ୍କ ଭିତରେ ବଚସା ହୋଇଥିଲା ଏବଂ ପରେ ଉଭୟ ଚାଲିଯାଇଥିଲେ। ଆଲୋକଙ୍କ ଘର ଆଗ ଦେଇ ମନୋରଞ୍ଜନ ଯାଉଥିବା ବେଳେ ଆଲୋକ ଏକ କଟୁରୀ ଆଣି ମନୋରଞ୍ଜନଙ୍କ ମୁଣ୍ଡ ଓ ମୁହଁକୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ମନୋରଞ୍ଜନ ବେକ ଓ କାନ ସହିତ ବିଭିନ୍ନ ସ୍ଥାନରେ କଟା ଦାଗ ରହିଛି। ରାସ୍ତାରେ ରକ୍ତ ଜୁବୁଥୁବୁ ହୋଇ ଛଟପଟ ହେଉଥିଲା ବେଳେ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ଆହତ ଯୁବକଙ୍କ ସ୍ତ୍ରୀ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ବସ୍ତା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆଦିବାସୀ ବସ୍ତିରେ ଆମ ପାଠଶାଳା

**ଭଣ୍ଡାରିପୋଖରୀ, ୧୫।୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଗନ୍ଧର୍ବବିନ୍ଧା ଆଦିବାସୀ ବସ୍ତିରେ ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ଆମ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କ ସହ ଶିକ୍ଷା ସମ୍ବନ୍ଧୀୟ ଆଲୋଚନା କରାଯାଇଥିଲା। ସେମାନଙ୍କୁ ପାଠ୍ୟ ଉପକରଣ ସହ ବିସ୍କୁଟ ଓ ଚକୋଲେଟ ପ୍ରଦାନ କରାଯାଇଛି। ରାମଚନ୍ଦ୍ରପୁର ପଞ୍ଚାୟତର ସମିତିସଭ୍ୟା ବୈଜୟନ୍ତୀ ମୁଣ୍ଡା, ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସଭାପତି ଅଜିତ୍ ପତି, ହିମାଂଶୁ ଶେଖର ଜେନା, ସୌମ୍ୟରଞ୍ଜନ ସାହୁ ଓ ମହେଶ୍ୱର ବେହେରା ଯୋଗ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ୩୩ ଆଦିବାସୀ ବସ୍ତିରେ ପାଠଶାଳା କାର୍ଯ୍ୟକ୍ରମ କରାଯାଇଛି। ଆଦିବାସୀ ପିଲାମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟ ବୋଲି ଟ୍ରଷ୍ଟ ପ୍ରତିଷ୍ଠାତା ଦାଶ କହିଛନ୍ତି।

# ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ଝୁମ୍ପୁରା, ୧୫।୧ (ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ଶିଶୁ ବିଦ୍ୟାମନ୍ଦିରର ୩୬ତମ ବାର୍ଷିକୋତ୍ସବ ସ୍କୁଲ ସମ୍ମୁଖ ଦୋଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରଗାନ, ପ୍ରଦୀପ ପ୍ରଜ୍ୱଳନ ପରେ ଶିଶୁବାଟିକାର ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିଶୁମନ୍ଦିର ପରିଚାଳନା କମିଟି ସଭାପତି ସୁବଳ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଡିଓ ଉମାକାନ୍ତ ପରିଡ଼ା ମୁଖ୍ୟଅତିଥି ଏବଂ ଶିକ୍ଷା ବିକାଶ ସମିତି, ଉତ୍ତରସମ୍ଭାଗର ସମ୍ପାଦକ ଗଙ୍ଗାଧର କର ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରଭକ୍ତି, ବିଦ୍ୟାର୍ଥୀଙ୍କ ଅନୁଶାସନପୂର୍ଣ୍ଣ ଦିନଚର୍ଯ୍ୟା ଆଦିର ଉଦାହରଣ ଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ଅତିଥି ପରିଚୟ ପ୍ରଦାନ ଓ ଶିଶୁମନ୍ଦିର ସମ୍ପାଦକ ଶରତ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁଜୀ ସନ୍ତୋଷ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶିଶୁମନ୍ଦିରର ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ, ପରିଚାଳନା ସମିତି ସଦସ୍ୟ ଓ ପୁରାତନ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମଞ୍ଚରେ ଉପସ୍ଥିତ ଅତିଥିମାନେ।

# ଗୋଡ଼ିକଂସକୁ ହରାଇ ତେଲକୋଇ ଚାମ୍ପିୟନ

ତେଲକୋଇ, ୧୫।୧(ଡି.ଏନ.ଏ): କେନ୍ଦୁଝର ଜିଲା ତେଲକୋଇ ବ୍ଲକ୍ କରମଙ୍ଗି ପଞ୍ଚାୟତର ସୁନ୍ଦୁରିଆ ଯୁବକ ସଂଘ ପକ୍ଷରୁ ଆୟୋଜିତ ୧୧ତମ ବାର୍ଷିକ ମା' ହିଙ୍ଗୁଳାଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ତେଲକୋଇ ଓ ଗୋଡ଼ିକଂସ ଟିମ୍ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଏଥିରେ ତେଲକୋଇ ଚାମ୍ପିୟନ ବିବେଚିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଧନୁର୍ଜୟ ସିଦୁ, ସମ୍ମାନିତ ଅତିଥି ଭାବରେ ୧୯ ନଂ. ଜିଲା ପରିଷଦ ସଦସ୍ୟ କେଦାର ନାଥ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ମହେନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଓ ଉପ ବିଜେତା ଟିମ୍‌କୁ ୧୫ ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ। ଯୋଗେଶ୍ୱର ପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ। ସଭାପତି ସୁରେନ୍ଦ୍ର ନାୟକ, ସମ୍ପାଦକ ଚନ୍ଦ୍ରମଣି ନାୟକ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ୨୨ରୁ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ




ଖବରଦାତା ସମ୍ମିଳନୀରେ ଟିଲୋ ଆଥ୍‌ଲେଟିକ ଆସୋସିଏଶନ କର୍ମକର୍ତ୍ତା।

**ବନ୍ତ, ୧୫।୧(ଡି.ଏନ.ଏ)**

ଭଦ୍ରକ ଜିଲା ବନ୍ତ ବ୍ଲକ ଟିଲୋ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ହନୁମାନଜୀଉ ମିନିଷ୍ଟାଡିୟମରେ ଆସନ୍ତା ୨୨ତାରିଖଠାରୁ ୨୮ତମ ଅନ୍ତର୍ଜାତୀୟ ପ୍ରଦୀପ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍ ଆରମ୍ଭ ହେବ। ଏନେଇ ରବିବାର ମିନିଷ୍ଟାଡିୟମଠାରେ ଆହୂତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସେଣ୍ଟ୍ରାଲ ଏ.ଜି ଦିଲ୍ଲୀ, ୟୁନିୟନ ସ୍ପୋର୍ଟିଂ କଟକ, ଡି.ୱାଇ. ପାଟିଲ୍ ମୁମ୍ବାଇ, ରାଜସାହି ବାଂଲାଦେଶ, ଭି.ଟି.ସି.ଏ ନାଗପୁର, ମାନିଗ୍ରିଭ୍ ରାୟପୁର ଆଦି ୬ ଦଳ ଏଥିରେ ଭାଗ ନେବେ। ୨୬ ଓ ୨୭ରେ ଦୁଇଟି ସେମିଫାଇନାଲ ଏବଂ ୨୯ରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ଅବସରରେ ମହିଳା କ୍ରିକେଟରଙ୍କୁ ଉତ୍ସାହିତ କରିବା ପାଇଁ ଫାଇନାଲ ମ୍ୟାଚ୍ ପୂର୍ବରୁ ଟି-୨୦ ମହିଳା କ୍ରିକେଟ ପ୍ରଦର୍ଶନୀ ମ୍ୟାଚ୍ ହେବ। ସମସ୍ତ ମ୍ୟାଚ୍ ଚ୍ୟାନେଲ ମାଧ୍ୟମରେ ସାରା ବିଶ୍ୱରେ ଲାଇଭ୍ ଟେଲିକାଷ୍ଟ ବ୍ୟବସ୍ଥା କରାଯାଇଥିବା ଆସୋସିଏଶନ ପକ୍ଷରୁ କୁହାଯାଇଛି। ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ପାଦକ ଅସିତ କର, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ହରମୋହନ ବେହେରା, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ଲାଲା ସ୍ୱାଇଁ, ରମେଶ ଜେନା, ଅଧ୍ୟାପକ ପ୍ରଶାନ୍ତ ବେହେରା, ସେକ୍ ୟାକତ୍ ଅଲ୍ଲୀ, ଅଶୋକ ଦାସ, ତ୍ରିଲୋଚନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ ଚାମ୍ପିୟନ

**ଖଇରା, ୧୫।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ୪୧ତମ ବାବା ଲଙ୍କେଶ୍ୱର ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ମକର ସଂକ୍ରାନ୍ତି ଅବସରରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବାଲେଶ୍ୱରର ଆଦର୍ଶ କ୍ରିକେଟ ଏକାଡେମୀ ବାଲେଶ୍ୱରର ୟୁ ଆଣ୍ଡ ମିକୁ ୪୮ରନରେ ପରାସ୍ତ କରିଛି। ସଞ୍ଜିବ ବେହେରା ଓ ଶାନ୍ତନୁ ରାଉତ ମ୍ୟାଚ ପରିଚାଳନା କରିଥିଲେ। କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପଡିଆର ଉନ୍ନତି ପାଇଁ ୫ ଲକ୍ଷ ଓ ସଂଲଗ୍ନ ରାସ୍ତାର ଉନ୍ନତି ପାଇଁ ଆବଶ୍ୟକ ଅନୁଦାନ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅଧ୍ୟାପକ ଅଭୟ କୁମାର ମହାନ୍ତି, ଆଇପିଏଲ ଅମ୍ପାୟାର ଅମିତାଭ ମହାକୁଡ, ସରପଞ୍ଚ ବନିତା ପ୍ରଧାନ, ସମିତିସଭ୍ୟା ବାସନ୍ତୀ ମହାନ୍ତି, ଜିଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ଯୁବ ବ୍ୟବସାୟୀ ରାଧାକାନ୍ତ ରାଉଳ, ମଳୟ ଘୋଷ ଓ ବିଜୟ କେତନ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେଇଥିଲେ। ସମ୍ପାଦକ ସୁଶାନ୍ତ କୁମାର ମହାପାତ୍ର ବିବରଣୀ ପାଠ, ସକ୍ରିୟ ସଭ୍ୟ ଜୀବନଜ୍ୟୋତି ଦାସ ଟୁର୍ନାମେଣ୍ଟ ଆୟୋଜନ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ ପ୍ରକାଶ କରିଥିଲେ । ଅତିଥିମାନେ ବିଜୟୀ ଦଳକୁ ୨୫ହଜାର ଓ ରନର୍ସଅପ ଦଳକୁ ୧୫ହଜାର ଟଙ୍କା ପ୍ରଦାନ କରିଥିଲେ। ବାବୁଲା ପ୍ରଧାନ, ରବୀନ୍ଦ୍ର ମହାନ୍ତି, ଗିରିଜା ଶଙ୍କର ଦାସ, ଭରତ ମହାରଣା, ତପନ ଜେନା ଓ ଗୋବର୍ଦ୍ଧନ ମହାରଣା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ବାବା ଲଙ୍କେଶ୍ୱର ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ




ଅତିଥିମାନେ ଚାମ୍ପିୟନ ଦଳକୁ ସିଲ୍ଡ ପ୍ରଦାନ କରୁଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
**Office of the Superintending Engineer**
**Chheligada Head Works Division**
At/PO: Mahendragada, Via: Chandragiri,
Dist: Gajapati, Odisha, PIN-761017
e-mail: eechwd@gmail.com
No.A-1017: No.38, Dated 9.1.23

**1st corrigendum to e-procurement Notice No. SE-CHWD-05/2022-23.**

(i) The date and time of availability of bid documents in the portal may be read as 17.01.2023 to 30.01.2023 up to 5.00 PM in place of 10.01.2023 to 23.01.2023 up to 5.00 PM.
(ii) Last date / time for receipt of bids in the portal may be read as 30.01.2023 up to 5.00 PM in place of 23.01.2023 up to 5.00 PM.
(iii) Date of opening of bid may be read as 01.02.2023 at 11.30 AM in place of 24.01.2023 at 11.30 AM.
(iv) A transparent lottery system on 31.01.2023 at 11.30 AM may be read as 03.02.2023 at 11.30 AM.
(v) Further clarification of bid may be read as 17.01.2023 to 24.01.2023 in place of 10.01.2023 to 17.01.2023 during office hours.
(vi) All other terms & conditions remained unaltered.

Sd./- Superintending Engineer
Chheligada Head Works Division
Mahendragada (Gajapati)
OIPR-32109/11/0011/2223

## ଗୋରୁ ବୋଝେଇ ଗାଡ଼ି ଜବତ

ଭଣ୍ଡାରିପୋଖରୀ,(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଛତାବର ଟୋଲ୍‌ଗେଟ୍‌ଠାରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ପୋଲିସ ଜବତ କରିଛି। ଗାଡ଼ିରେ ଦୁଇଟି ବଳଦ ଓ ଗୋଟିଏ ଗାଈ କଟକ ପଟୁ ଭଦ୍ରକ ଅଭିମୁଖେ ନିଆଯାଉଥିଲା। ଖବରପାଇ ଥାନାଧିକାରୀ ଅମିତାଭ ଦାସଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଅଧିକାରୀ ଇଭାରାଣୀ ପରିଡ଼ା ପହଞ୍ଚି ଗାଡ଼ିକୁ ଜବତ କରିଥିଲେ। ଚାଳକ ଏସ୍.କେ. ଇତିଆନ ଓ କାର୍ତ୍ତିକ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୪/୨୩) ରୁଜୁ ହୋଇଛି।

## ସଂକ୍ଷେପରେ

### ନାଳରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ ହତ୍ୟା ସନ୍ଦେହ

ଉଦଳା, ୧୫।୧ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ପୁରୁଣାପାଣି ଗ୍ରାମରେ ରବିବାର ଏକ ନାଳରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ପୋଲିସର ତଦନ୍ତ ପରେ ମୃତକ ସ୍ଥାନୀୟ ଏନ୍‌ଏସି ୧୦ ନଂ. ୱାର୍ଡର ଦୁଲବ କାର୍ଜିଙ୍କ ପୁଅ ସିଦ୍ଧ କାର୍ଜି ବୋଲି ଜଣାପଡ଼ିଛି। ସେ ୬ ଦିନ ହେଲା ନିଖୋଜ ଥିଲେ। ରବିବାର ସକାଳେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ନାଳରେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିଲେ। ଉଦଳା ପୋଲିସ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିବା ବେଳେ ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ମୃତକଙ୍କ ଗୋଡ଼ରେ ଏକ କପଡ଼ା ବନ୍ଧା ଯାଇଥିବା ବେଳେ ଏକ ରଡ୍ ରହିଥିଲା। ବାରିପଦାରୁ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୋଲିସ ତଦନ୍ତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ମୃତ ସିଦ୍ଧ ସ୍ଥାନୀୟ ଏକ ସିମେଣ୍ଟ ଗୋଦାମରେ କାମ କରୁଥିଲେ। ଗତ ୯ ତାରିଖରେ କାମ ନିମନ୍ତେ ସେ ଘରୁ ବାହାରି ଆସି ଆଉ ଫେରି ନ ଥିଲେ। ପରିବାର ଲୋକେ ଅନେକ ଖୋଜାଖୋଜି କରିବା ପରେ ମଧ ପତ୍ତା ନ ପାଇବାରୁ ନିଖୋଜ ନେଇ ଉଦଳା ଥାନାରେ ଅଭିଯୋଗ କରିଥିଲେ। ତେବେ ସିଦ୍ଧଙ୍କର ମୃତ୍ୟୁ କିପରି ହେଲା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ନିରୋଜ କୁମାର ସାମଲ କହିଛନ୍ତି।

### ମଦ ବୋତଲରେ ବୃଦ୍ଧଙ୍କୁ ଆକ୍ରମଣ

ଚାନ୍ଦବାଲି, ୧୫।୧(ଡି.ଏନ୍.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଧାମରା ଥାନା ଅଧୀନ କଇଥଖୋଲା ବଜାରରେ ରବିବାର ଜଣେ ବୃଦ୍ଧଙ୍କୁ ମଦ ବୋତଲରେ ଆକ୍ରମଣ କରାଯାଇଛି। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଧାମରା ସାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧ ଜଣକ ହେଉଛନ୍ତି କଇଥଖୋଲା ଅଞ୍ଚଳର ମାଧବ ବେରା। ସୂଚନା ଅନୁଯାୟୀ, କଇଥଖୋଲା ବଜାରରେ ମାଧବ ଚା' ପିଉଥିବା ବେଳେ ଦୁଇ ଯୁବକ ମଦ୍ୟପାନ କରି ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ମାଧବଙ୍କ ପରିବାର ଲୋକେ ଧାମରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଥିବା ବେଳେ ଅନ୍ୟ ଜଣକ ଫେରାର ଅଛନ୍ତି। ଏନେଇ ଥାନାରେ ମାମଲା (ନଂ.୮/୨୩) ରୁଜୁ କରାଯାଇଛି।

### ଆଦର୍ଶ ଶିକ୍ଷା ମନ୍ଦିର ବାର୍ଷିକ କ୍ରୀଡ଼ା

ଖଇରା,୧୫।୧(ଡି.ଏନ.ଏ.)-ଖଇରାସ୍ଥିତ ଆଦର୍ଶ ଶିକ୍ଷାମନ୍ଦିର ବାର୍ଷିକ କ୍ରୀଡା ପ୍ରତିଯୋଗିତା ୯ ଓ ୧୦ ତାରିଖ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଭାତ କୁମାର ଜେନା ଏହାକୁ ଉଦ୍‌ଘାଟନ କରିଥିଲେ। ପିଲାମାନଙ୍କ ମଧ୍ୟରେ ବେଙ୍ଗଡିଆଁ, ରାଇମ୍ସ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। ବିଶିଷ୍ଟ ନୃତ୍ୟଗୁରୁ ଲିପୁନ ସାର ବିଚାରକ ଭାବେ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷକ ମଣିକିଙ୍କର ଜେନା, ସହକାରୀ ଶିକ୍ଷକ ପ୍ରହଲ୍ଲାଦ ରାୟ, ତପନ କୁମାର ଜେନା, ବାସନ୍ତୀ ସାହୁ, ରଶ୍ମିତା ପଣ୍ଡା, ନିର୍ମଳା ମହାନ୍ତି, ଅନୁଶ୍ରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

### ଫେବୃୟାରୀ ୧୫ରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଉଦଳା,୧୫।୧(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଉଦଳା ଫ୍ରେଣ୍ଡ୍ସ କ୍ଲବ ଆନୁକୁଲ୍ୟରେ ଆୟୋଜିତ ହେବାକୁ ଥିବା ଷଷ୍ଠ ସତ୍ୟସ୍ୱରୂପ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଫେବୃୟାରୀ ୧୫ରୁ ଆରମ୍ଭ ହେବ। ଏନେଇ ସ୍ଥାନୀୟ ଆଟଲାସ ଜିମ୍ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦଳା ୟୁନିକ କ୍ରିକେଟ ଏକାଡେମୀ ସହିତ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ଏବଂ ୟୁନିୟନ ସ୍ପୋର୍ଟିଂ, ଝାଡ଼ଖଣ୍ଡର ସେରସା, କୋଲକାତାର ଏ ଆଣ୍ଡ ଏସ୍, ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ଏବଂ ଭଦ୍ରକ-୧୧ ଦଳ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ। ଫେବୃୟାରୀ ୧୮ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଉକ୍ତ ବୈଠକରେ ଅତିରିକ୍ତ ଏସ୍‌ପି ସୁରେଶ ଚନ୍ଦ୍ର ମହାପାତ୍ର, ଚନ୍ଦନ କୁମାର ଦୀକ୍ଷିତ, ଅବିନାଶ ମହାପାତ୍ର, ଚିନ୍ମୟ ବିଶ୍ୱାଣୀ, ଦିପ୍ତିକାନ୍ତ ସାହୁ, ଆଲୋକ କୁମାର ପରିଡ଼ା, ଜନ୍ମେଜୟ ସାହୁ, ବିଜୟ ବେହେରା, ଭାଗ୍ୟଧର ଦାସ, ଦିଲ୍ଲୀପ କୁମାର କଳିଆ ପ୍ରମୁଖଙ୍କ ସହିତ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

# ପଦୁନା-ଦୋମୁହାଁଣି ଆରଡି ରାସ୍ତା ନିର୍ମାଣରେ ଅନିୟମିତତା

- ଅସମ୍ପୂର୍ଣ୍ଣ କଲଭର୍ଟରେ ପଡି ୫ ଗୁରୁତର
- ଅବଧି ସମୟ ପରେ ବି ସରିନି ୬୦ ଭାଗ କାମ

ଖଇରା, ୧୫।୧(ଡି.ଏନ.ଏ.)

ବାଲେଶ୍ୱରରୁ କେନ୍ଦୁଝରକୁ ସଂଯୋଗ କରୁଥିବା ପଦୁନାରୁ ତାଳକୁରୁଆ ଦେଇ ଦୋମୁହାଁଣି ପର୍ଯ୍ୟନ୍ତ ଚାଲିଥିବା ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ଏହାର ଭିଜିଲାନ୍ସ ତଦନ୍ତ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ପାଖାପାଖି ବର୍ଷେ ତଳୁ ଆରମ୍ଭ ହୋଇଥିବା ରାସ୍ତାର ନିର୍ମାଣ ଅବଧି ଶେଷ ହୋଇଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୬୦ଭାଗ କାମ ସରିନାହିଁ । ନିର୍ମାଣାଧୀନ କଲଭର୍ଟ ଓ ପୋଲଗୁଡିକରେ ବ୍ୟବହୃତ କଞ୍ଚାମାଲ ଏଷ୍ଟିମେଟ ଅନୁଯାୟୀ କରାଯାଇ ନ ଥିବାରୁ ପୋଲର ସ୍ଥାୟିତ୍ୱକୁ ନେଇ ଯାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି । ଉକ୍ତ କାର୍ଯ୍ୟଗ୍ରାହୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ହରିପୁର ସରପଞ୍ଚ ପ୍ରଦୀପ ପର୍ଶୁରାମ ବେହେରାଙ୍କ ସମେତ ପଦୁନା, ହରିପୁର, ତାଳକୁରୁଆ ଏବଂ ଦୋମୁହାଁଣି ଗ୍ରାମର ଅଧିବାସୀ ଦାବି କରିଛନ୍ତି।

ଗ୍ରାମ୍ୟ ଉନ୍ନୟନ ବିଭାଗର ଏହି ୫.୩ କି.ମି. ରାସ୍ତା ପାଇଁ ଆନୁମାନିକ ୪ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ୨୦୨୨ ଜାନୁୟାରୀ ୫ତାରିଖରେ ଏହାର ଶିଳାନ୍ୟାସ କରାଯାଇଥିଲା। ହେଲେ ନିୟମ ଅନୁଯାୟୀ ଏହା ୧ବର୍ଷ ମଧ୍ୟରେ ଶେଷ ହେବା କଥା। ହେଲେ ୨୦୨୩ ଜାନୁୟାରୀ ୫ ଅତିକ୍ରମ କରିସାରିଥିଲେ ହେଁ କାମ ଅସମ୍ପୂର୍ଣ୍ଣ ହୋଇରହିଛି। ରାସ୍ତାପାର୍ଶ୍ୱରୁ ମାଟି ଉଠାଇ ନିଆଯିବା ପରେ ଏହି ଗାତରେ ପଡି ଗୃହପାଳିତ ପ୍ରାଣୀଙ୍କର ଜୀବନହାନି ହେଉଥିବା ଅଭିଯୋଗ ହେଉଛି । ବିଭିନ୍ନ ଅସମ୍ପୂର୍ଣ୍ଣ କଲଭର୍ଟରେ ପଡି ୫ରୁ ଅଧିକ ଆହତ ହେବା ସହ ଏବେ ୨ଜଣ ଚିକିତ୍ସାଧୀନ ଅଛନ୍ତି। ରାସ୍ତାରେ ବାଲି କିମ୍ବା ଡଷ୍ଟ ଫିଲିଂ କରାଯିବା ବଦଳରେ ପାହାଡ ମାଟି ବ୍ୟବହାର କରାଯିବା ସହ ପୁରୁଣା ପିଚୁକୁ ବାହାର କରା ନ ଯାଇ ତା ଉପରେ ନୂଆ ପିଚୁ ଓ କଂକ୍ରିଟ କାମ କରାଯାଉଥିବାରୁ ଏହା ନଷ୍ଟ ହେବାର ସମ୍ଭାବନା ଅଧିକ ବୋଲି ବିଭିନ୍ନ ଗ୍ରାମର ବାସିନ୍ଦା ଗୌରହରି ମହାପାତ୍ର, ଦେବାଶିଷ ସ୍ୱାଇଁ, ପୀତାମ୍ବର ନାଇକ, ବାବାଜୀ ନାୟକ, ରାମଚନ୍ଦ୍ର ବିଶ୍ୱାଳ ଓ ବଳରାମ ପଣ୍ଡା ପ୍ରମୁଖ କହିଛନ୍ତି।


ଅସମ୍ପୂର୍ଣ୍ଣ ଭାବେ ଛାଡ଼ି ଦିଆଯାଇଥିବା ଏକ କଲଭର୍ଟ।

ଏଥପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ଲମ୍ବୋଦର ନାୟକ ଓ ନିର୍ବାହୀଯନ୍ତ୍ରୀ ପ୍ରୀତିରଞ୍ଜନ ସାମଲଙ୍କୁ ଯୋଗାଯୋଗ କରିବାରେ ସେମାନେ ରାସ୍ତା କାର୍ଯ୍ୟର ତଦାରଖ କରିବେ ବୋଲି କହିଛନ୍ତି।

# ଆଜିଠୁ ଦାମୋଦର ଯାତ୍ରା

ବାରିପଦା ଅଫିସ,୧୫।୧

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଅବସରରେ ବାରିପଦାସ୍ଥିତ ସୁନାମୁହିଁ ଘାଟରେ ସୋମବାର ଆରମ୍ଭ ହେବ ଦାମୋଦର ଯାତ୍ରା। ଏହି ଯାତ୍ରା ତିନିଦିନ ଧରି ଚାଲିବାକୁ ଥିବାବେଳେ ପରମ୍ପରାକୁ ବଜାୟ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବାରିପଦା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଜରାଳୀ ଓ ସରାଳୀ ସେତୁର ସଙ୍ଗମ ସ୍ଥଳ ତ୍ରିବେଣୀ(ସୁନାମୁହିଁ) ଘାଟରେ ଅସ୍ଥି ବିସର୍ଜନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ମୟୂରଭଞ୍ଜ ଜିଲା ସମେତ ଓଡ଼ିଶା, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ହଜାର ହଜାର ଲୋକ ଆସି ଏଠାରେ ଅସ୍ଥି ବିସର୍ଜନ କରିବାକୁ ଆସିଥାନ୍ତି।

ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ ଭଳି ପରମ୍ପରା ମକର ସଂକ୍ରାନ୍ତି ଅବସରରେ ପାଳନ କରାଯାଇଥାଏ। ପରିବାର ଓ ଆତ୍ମୀୟ ସ୍ୱଜନମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅସ୍ଥି ବିସର୍ଜନ କରି ତିଳତର୍ପଣ ଦାନ ଦକ୍ଷିଣା ଦେବା ସହ ପୁଣ୍ୟ ଅର୍ଜନ କରିବା ଆଦିମ କାଳରୁ ବିଶ୍ୱାସ ରହିଆସିଛି। ଚଳିତବର୍ଷ ଦାମୋଦର ଯାତ୍ରାରେ ପ୍ରବଳ ଜନସମାଗମ ହେବ ବୋଲି ଅନୁମାନ କରାଯାଇଛି। ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ ପୋଲିସ ପ୍ରଶାସନ ସଜାଗ ରହିଛନ୍ତି। କମିଟି ପକ୍ଷରୁ ଆଲୋକୀକରଣ, ୱାଚ ଟାୱାର, ଫାଷ୍ଟଏଡ୍, ବିଶ୍ରାମାଗାର ଓ ପିଇବା ପାଣି ଆଦିର ସୁବ୍ୟବସ୍ଥା କରାଯାଇଛି।

# ଇଞ୍ଚୁଡ଼ି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଉଦ୍‌ଘାଟିତ


ଇଞ୍ଚୁଡ଼ି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଅଫିସ, ୧୫।୧

ବାଲେଶ୍ୱର ଅନ୍ୟ ଏକ ଐତିହାସିକ ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ମୂକସାକ୍ଷୀ ଭାବେ ସ୍ମାରକୀ ପୀଠ ଓ ସଂଗ୍ରହାଳୟ ଇଞ୍ଚୁଡି ଗାଁ ମୁଣ୍ଡରେ ଦଣ୍ଡାୟମାନ। ଶନିବାର 'ଇଞ୍ଚୁଡ଼ି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟର ସଂସ୍କାର'କୁ କଂଗ୍ରେସର ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

ଗତ ପ୍ରାୟ ୪ମାସ ପୂର୍ବରୁ କଂଗ୍ରେସର ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଇଞ୍ଚୁଡ଼ି ଗସ୍ତରେ ଆସିଥିବା ବେଳେ ସ୍ମୃତିସ୍ତମ୍ଭ ସଂଗ୍ରହାଳୟର ମୁଖ୍ୟ ସର୍ବେଶ୍ୱର ଦାସ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପୁରାତନ ଫଟୋଗୁଡିକର ରକ୍ଷଣାବେକ୍ଷଣ ପାଇଁ ଏକ ସଂଗ୍ରହାଳୟ ନିର୍ମାଣ ପାଇଁ ଅନୁରୋଧ କରିଥିଲେ। ଏହି ଅନୁରୋଧକୁ ରକ୍ଷା କରି ପଟ୍ଟନାୟକ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ରଙ୍ଗ ପ୍ରଦାନ ଓ ୬୦୦ରୁ ଅଧିକ ଫଟୋଚିତ୍ର ଫ୍ରେମ ବନ୍ଧେଇ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶନିବାର ଇଞ୍ଚୁଡ଼ିରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସଂଗ୍ରହାଳୟ ଉଦ୍‌ଘାଟନ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରି, ରେମୁଣା ବ୍ଲକ ସଭାପତି ତରୁଣ ଦାସ, ପୂର୍ବତନ ସରପଞ୍ଚ କହ୍ନେଇ ପ୍ରଧାନ, କେକେସି ଜିଲା ଅଧ୍ୟକ୍ଷ ବିକାଶ ଦାସ, କୃଷକ କଂଗ୍ରେସ ଜିଲା ସଭାପତି ନିରଞ୍ଜନ ବେହେରା, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଦେବଦତ୍ତ ଦାସ, ଇଞ୍ଚୁଡ଼ି ପଞ୍ଚାୟତ ସଭାପତି ଶ୍ରୀଧର ବେହେରା, ତୁଷାରକାନ୍ତି ତପସ୍ୱୀ, ଯୁବନେତା ଘନଶ୍ୟାମ ବେହେରା, ଶ୍ରୀଧର ବେହେରା, ବାବୁଲା ଦାସ, ପ୍ରଭାକର ମଲ୍ଲିକ, ସୁଧାକର ରାଉତ, ପ୍ରକାଶ ମଲ୍ଲିକ, ପଦ୍ମଲୋଚନ ବେହେରା ଓ ଲକ୍ଷ୍ମୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କ ଗଳିତ ମୃତଦେହ ଜବତ

ସାରସକଣା,୧୫।୧(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ଗଣ୍ଡିପାଣି ଗ୍ରାମରେ ନିର୍ମାଣଧୀନ ଏକଲବ୍ୟ ମଡେଲ ବିଦ୍ୟାଳୟର ପାଚେରି କଡ଼ରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ପୋଲିସ ଛାନଭିନ୍ନ ଜାରି ରଖିଛି। ରବିବାର ଅପରାହ୍ନରେ ଗଣ୍ଡିପାଣି ଗ୍ରାମର ଗ୍ରାମବାସୀ ଗଳିତ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଓ ସନ୍ଧାନକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ତଦନ୍ତ ଆରମ୍ଭ କରିଛି। ମୃତକ ପିନ୍ଧିଥିବା ପ୍ୟାଣ୍ଟ ଓ ପାଖରେ ପଡ଼ିଥିବା ତାଙ୍କ ବ୍ୟାଗ ଖୋଲା ପଡ଼ିଛି। ଏନେଇ ୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ତଦନ୍ତ ସମୟରେ ମୃତକଙ୍କ ପକେଟରୁ ଏକ ଫୋନ ନମ୍ବର ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ପ୍ରକାଶ କରିଛନ୍ତି।

# 'ସ୍ୱାଧୀନତା ସଂଗ୍ରାମରେ ଭଦ୍ରକର ସଂଗ୍ରାମୀମାନଙ୍କ ବଳିଦାନ ଅବିସ୍ମରଣୀୟ'


ଅତିଥିଙ୍କ ଦ୍ୱାରା ପୁସ୍ତକ ଲୋକାର୍ପଣ କରାଯାଉଛି।

### ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କୁ ଭଦ୍ରକରେ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୧୫।୧

ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଭଦ୍ରକ ନାଗରିକ ସମ୍ବର୍ଦ୍ଧନା ସମିତି ପକ୍ଷରୁ ରବିବାର ସମ୍ବର୍ଦ୍ଧନା ଦିଆଯାଇଛି। ଭଦ୍ରକ ଶହୀଦ ସ୍ମୃତି ଭବନରେ ସମିତିର ସଭାପତି ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟପାଳ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଜାତିର ପରମ୍ପରା, ଐତିହ୍ୟ ଓ ସଂସ୍କୃତି ବିଷୟରେ କହିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମରେ ଭଦ୍ରକ ଜିଲାର ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନ ଅବିସ୍ମରଣୀୟ। ଓଡ଼ିଆମାନଙ୍କ ସାହସିକତା ଇଂରେଜମାନଙ୍କୁ ବିଚଳିତ କରିଥିଲା। ସେହି ସାହସୀ ଓଡ଼ିଆମାନଙ୍କ ଦାୟାଦ ଭାବେ ଆମେ ଗର୍ବିତ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ଏମ୍‌ପି ଅନନ୍ତ ପ୍ରସାଦ ସେଠୀ, ଭାଜପା ନେତା ପଞ୍ଚାନନ ରାଉତ ପ୍ରମୁଖ ଯୋଗଦେଇ ବିଶ୍ୱଭୂଷଣ ହରିଚନ୍ଦନ ଓଡ଼ିଆ ଜାତିର ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ହରିଚନ୍ଦନଙ୍କ କରକମଳରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ଦ୍ୱାରା ରଚିତ 'କୃପା', ଦିବଂଗତ ବିଧାୟକ ବିଷ୍ଣୁ ସେଠୀଙ୍କ 'ଘାସଫୁଲ ପତ୍ରିକା' ଝୁରଣବାଳା ଖୁଣ୍ଟିଆଙ୍କ ରଚିତ 'କୃଷ୍ଣସଙ୍ଗିନୀ' ଓ ନିର୍ମଳ ରାଉତଙ୍କ ରଚିତ 'ମାଟି ଲଣ୍ଠଣ' ପୁସ୍ତକ ଲୋକାର୍ପଣ କରାଯାଇଥିଲା। ଲେଖକ ସାମ୍ମୁଖ୍ୟ, ତ୍ୟାଗଭୂମି ମହୋତ୍ସବ, ସାଂସ୍କୃତିକ ମହୋତ୍ସବ ଆଦି ବିଭିନ୍ନ ସଙ୍ଗଠନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀନବନ୍ଧୁ ପତି ସ୍ୱାଗତ ଭାଷଣ ଦେଇଥିଲେ। ସୁଧାକର ରାଉତ, ନିହାର କର, ନିର୍ମଳ ରାଉତ, ଅକ୍ଷୟ ସାହୁ, ଅଭୟ ଜେନାଙ୍କ ସମେତ ସମିତିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜଗୁ ଦେୱାନ, ରାଜା ଅର୍ଜୁନ ସିଂହଙ୍କୁ ସ୍ୱାଧୀନତା ସଂଗ୍ରାମୀ ମାନ୍ୟତା ଦାବି

କେନ୍ଦୁଝର,୧୫।୧(ସ୍ୱ.ପ୍ର.)

ସ୍ୱାଧୀନତା ସଂଗ୍ରାମରେ ବହୁ ବ୍ୟକ୍ତି ଝାସ ଦେଇ ଦେଶ ସ୍ୱାଧୀନତା ପାଇଁ ଲଢ଼ିଥିଲେ। ମାତ୍ର ଅନେକ ସଂଗ୍ରାମୀ ବିଭିନ୍ନ କାରଣରୁ ମାନ୍ୟତା ପାଇ ନ ଥିବା ବେଳେ ପରବର୍ତ୍ତୀ ସମୟରେ ତାଙ୍କ ଦାୟାଦମାନଙ୍କୁ ସେଭଳି ସମ୍ମାନ ଦେବାକୁ ଦାବି ହୋଇ ଆସୁଛି। ସେଭଳି ୧୮୫୭ ଭାରତୀୟ ସିପାହୀ ବିଦ୍ରୋହ ସମୟରେ ସାମିଲ ହୋଇଥିବା ବୀର ଜଗୁ ଦେୱାନ ଓ ରାଜା ଅର୍ଜୁନ ସିଂଙ୍କୁ ସ୍ୱାଧୀନତା ସଂଗ୍ରାମୀ ଭାବେ ମାନ୍ୟତା ଦେବାକୁ ଦାବି ହୋଇଛି। ଚମ୍ପୁଆସ୍ଥିତ ହିଷ୍ଟୋରିକାଲ ରିସର୍ଚ୍ଚ ସେଣ୍ଟର ଅଫ ଦ ୱାର୍ଲ୍ଡ (ବିଶ୍ୱ ଐତିହ ଗବେଷଣ କେନ୍ଦ୍ର ) ପକ୍ଷରୁ କେନ୍ଦ୍ର ସରକାରଙ୍କୁ ଚିଠି କରିବା ସହ ଦେଶର ଗୃହମନ୍ତ୍ରୀଙ୍କୁ ଚିଠି କରାଯାଇଛି ବୋଲି ସଂଗଠନର ସୁଭାଷ ବେହେରା ସୂଚନା ଦେଇଛନ୍ତି। ଏନେଇ ଦସ୍ତାବିଜ ମଧ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରାଯାଇଥିବା ସଂଗଠନର ନିର୍ଦ୍ଦେଶକ ପ୍ରେମ ଚାନ୍ଦ ପୋଦାର କହିଛନ୍ତି। ସିପାହୀ ବିଦ୍ରୋହ ସମୟରେ ତିନି ହଜାର ଓଡ଼ିଆ ଆଦିବାସୀଙ୍କୁ ନେଇ ଜଗୁ ଦେୱାନ ଇଂରେଜ ଶାସନ ବିରୋଧରେ ଲଢ଼େଇ କରିଥିଲେ। ଶେଷରେ ଦେଶ ପାଇଁ ଫାସି ଖୁଣ୍ଟରେ ଝୁଲିଥିଲେ ବୋଲି ସେମାନେ କହିଛନ୍ତି। ସେହିପରି ସ୍ୱାଧୀନତା ପାଇଁ ଲଢ଼େଇ କରିଥିବା ରାଜା ଅର୍ଜୁନ ସିଂଙ୍କୁ ଇଂରେଜ ସରକାର ବନ୍ଦି କରି ବନାରସ ଜେଲରେ ରଖିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଣୁ ସେମାନଙ୍କୁ ସ୍ୱାଧୀନତା ସଂଗ୍ରାମୀ ଘୋଷଣା କରି ସେମାନଙ୍କ ପରିବାରଙ୍କୁ ପେନସନଦେବା ପାଇଁ ବ୍ୟବସ୍ଥା କରିବାକୁ ଉଭୟ ଓଡ଼ିଶା, ଝାଡ଼ଖଣ୍ଡ ଏବଂ କେନ୍ଦ୍ର ସରକାରଙ୍କୁ ବିଶ୍ୱ ଐତିହ୍ୟ ଗବେଷଣା କେନ୍ଦ୍ର ପକ୍ଷରୁ ଏକାଧିକ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ବେହେରା କହିଛନ୍ତି।

# ଚିତ୍ରଶିଳ୍ପୀ ମାନସ ପତି ସମ୍ବର୍ଦ୍ଧିତ


ବିଡିଓଙ୍କ ଦ୍ୱାରା ସମ୍ବର୍ଦ୍ଧିତ ମାନସ।

ବାରିପଦା ଅଫିସ,୧୫।୧: ମୟୂରଭଞ୍ଜ ଜିଲା ବାରିପଦାର ଚିତ୍ରଶିଳ୍ପୀ ମାନସ ପତିଙ୍କ ଦ୍ୱାରା ଚିତ୍ରିତ ଡଙ୍ଗରିଆ କନ୍ଧ ଜନଜାତିଙ୍କ ନୃତ୍ୟ ପରିବେଷଣ ଚିତ୍ରକଳା ବେଶ ପ୍ରଶଂସିତ ହୋଇଛି। କନ୍ଧମାଳ ଜିଲା ପ୍ରଶାସନ ଆନୁକୂଲ୍ୟରେ ୪ଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ ଚିତ୍ରକଳା ଶୀତ ମହୋତ୍ସବ-୨୦୨୩ ଦାରିଙ୍ଗିବାଡିରେ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ତାଙ୍କ ଚିତ୍ରକଳାକୁ ପ୍ରଶଂସା କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଶିବିରରେ ରାଜ୍ୟର ୫ଜଣ ବିଶିଷ୍ଟ ଚିତ୍ର ଶିଳ୍ପୀ ନିଜର ଚିତ୍ରକଳା ପ୍ରଦର୍ଶିତ କରିଥିଲେ। କଳା, ସଂସ୍କୃତି ଓ ପରମ୍ପରାରେ ଜଡିତ ମୟୂରଭଞ୍ଜ ମାଟିର ସନ୍ତାନ ମାନସଙ୍କ ଚିତ୍ରକଳାକୁ ସମସ୍ତ ପର୍ଯ୍ୟଟକମାନେ ପ୍ରଶଂସା କରିଥିଲେ। ଅନ୍ୟ ଚିତ୍ରଶିଳ୍ପୀଙ୍କ ମଧ୍ୟରେ ମୁକ୍ତିପଦ ନନ୍ଦ, ପ୍ରଦୀପ ସାହୁ, ଭୁବନେଶ୍ୱରର ସୁନାମଧନ୍ୟ ଚିତ୍ରଶିଳ୍ପୀ ଜନାର୍ଦ୍ଦନ ପରମଗୁରୁ ଓ ସ୍ମିତାହ୍ମୀ ରଥଙ୍କ ଚିତ୍ରକଳା ବେଶ ଉଚ୍ଚକୋଟୀର ହୋଇଥିଲା ବୋଲି ଏକ ପ୍ରେସ ବିବୃତିରେ ପତି ଜଣାଇଛନ୍ତି। ଦାରିଙ୍ଗିବାଡି ବିଡିଓ ଗଦାଧର ପାତ୍ର ତାଙ୍କୁ ପ୍ରଶଂସା କରିବା ସହ ସମ୍ମାନିତ କରିଥିଲେ।

# ଦିବ୍ୟରଞ୍ଜନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ: ମନୋରଞ୍ଜନ

### ମହିଳା ଡାକ୍ତର ଶୁଭଶ୍ରୀ ମୃତ୍ୟୁ ଘଟଣା

ଯୋଡ଼ା,୧୫।୧(ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ଡାକ୍ତର ଶୁଭଶ୍ରୀ କର ମୃତ୍ୟୁ ଘଟଣାରେ ଡାକ୍ତର ଦିବ୍ୟରଞ୍ଜନ ମାଝୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ଶୁଭଶ୍ରୀଙ୍କ ବାପା ଦାବି କରିଛନ୍ତି। ମୃତ୍ୟୁକୁ ସନ୍ଦେହ କରି ତାଙ୍କ ବାପା ମନୋରଞ୍ଜନ କର ରବିବାର ଯୋଡ଼ା ଥାନାକୁ ଝିଅର ସାମଗ୍ରୀ ନେବାକୁ ଆସିଥିବା ବେଳେ ଖବରଦାତାଙ୍କ ନିକଟରେ ନିଜର ମତ ରଖି ଏପରି କହିଥିଲେ। ଏଥିସହ ଭିଶ୍ରା ରିପୋର୍ଟ ଆସିଲେ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଥିଲେ।

ଅଭିଯୋଗ ମୁତାବକ, ତାଙ୍କ ଝିଅ ଶୁଭଶ୍ରୀଙ୍କ ବିଷଜନିତ ମୃତ୍ୟୁ ହୋଇଥିବା ନେଇ ଶୁଣିବାକୁ ପାଇଛନ୍ତି। ଭୁବନେଶ୍ୱରରୁ ଭିଶ୍ରା ରିପୋର୍ଟ ଆସି ନ ଥିବାରୁ ପୋଲିସ ଏ ନେଇ ସ୍ପଷ୍ଟ କରିନାହିଁ। ରିପୋର୍ଟ ଆସିବା ପରେ ହିଁ ପରବର୍ତ୍ତୀ ନିଷ୍ପତ୍ତି ନେବେ ବୋଲି କହିଥିଲେ। ଡାକ୍ତର ଦିବ୍ୟରଞ୍ଜନଙ୍କ ସହ ତାଙ୍କ ଝିଅଙ୍କ ସମ୍ପର୍କ ଓ ପ୍ରତାରଣାକୁ ନେଇ ଥାନାରେ କରିଥିବା ଅଭିଯୋଗ ସମ୍ପର୍କରେ ସେ ଅବଗତ ଥିଲେ। ପରସ୍ପର ଆଉ ସମ୍ପର୍କ ନ ରଖିବା ପାଇଁ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କରିଥିଲେ ବୋଲି କହିଥିଲେ। ଏଥିସହ ଝିଅ ଶୁଭଶ୍ରୀଙ୍କ ମାନସିକ ଭାବେ ବହୁତ ସବଳ ତେଣୁ ସେ ଆତ୍ମହତ୍ୟା କରିଥିବା ଘଟଣାକୁ ବିଶ୍ୱାସ କରି ପାରୁନାହିଁ ବୋଲି କହିଥିଲେ।

ସେ ଯୋଡ଼ା ଥାନା ଓ ଭଡ଼ା ଘରୁ ଶୁଭଶ୍ରୀଙ୍କ ଜିନିଷ ପତ୍ର ନେଇଥିଲେ। ଘର ମାଲିକଙ୍କୁ ଘର ହସ୍ତାନ୍ତର କରିଥିବା ପ୍ରକାଶ କରିଥିଲେ। ପ୍ରକାଶ ଯୋଗ୍ୟ, ଶୁଭଶ୍ରୀ ଗତ ୩୧ ରାତିରେ କର୍ମଚାରୀଙ୍କ ସହିତ ନୂଆବର୍ଷ ପାଳନ କରିଥିବା ବେଳେ ପର ଦିନ ଅର୍ଥାତ ଗତ ଜାନୁୟରୀ ୧ ସକାଳେ ସେ ଆଉ ଉଠି ନ ଥିଲେ। ଭିତର ପଟୁ କବାଟ ବନ୍ଦ ହୋଇଥିଲା। ପରେ ପୋଲିସ କବାଟ ଭାଙ୍ଗି ଶୁଭଶ୍ରୀଙ୍କ ମୃତଦେହ ଉଦ୍ଧାର କରିଥିଲା।

# ଟୁସୁ ନୃତ୍ୟଗୀତରେ କମ୍ପିଲା ବୈତରଣୀ ନଦୀଘାଟ

### ମକର ମେଳା ଦ୍ୱିତୀୟ ଦିବସ

ପାଟଣା,୧୫।୧(ସ୍ୱ. ପ୍ର.)

ମକର ପର୍ବ ପାଇଁ କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍ ଅଞ୍ଚଳ ଉତ୍ସବ ମୁଖର ହୋଇଛି। ମକର ମେଳାର ଦ୍ୱିତୀୟ ଦିନରେ ବୈତରଣୀ ନଦୀ ଓ ନାଳ କୂଳରେ ଟୁସୁ ମେଳା ଓ ପ୍ରତିଯୋଗିତା ସହ କୁଡୁମୀ ସମ୍ପ୍ରଦାୟର ଯୁବତୀ ଓ ମହିଳାମାନଙ୍କ ଟୁସୁ ଗୀତ ଓ ନୃତ୍ୟ ପରିବେଷଣ ମନୋରମ ପରିବେଶ ସୃଷ୍ଟି କରିଥିଲା। କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ପଞ୍ଚାୟତ ଧାନବେଣୀର ବୈତରଣୀ ନଦୀ କୂଳରେ ଧାନ ବେଣୀ ମକର ମେଳା ଓ ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଘାଟ ବାଲି ଯୋଡ଼ି, ମୂଷାଖରୀ ପଞ୍ଚାୟତ କାଣିଆ ନାଳକୂଳରେ ରବିବାର ମକର ମେଳା ଅବସରରେ ଟୁସୁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କଣ୍ଟିଆପଡ଼ା ପଞ୍ଚାୟତ ବଲାଣି ପଶି ଲକ୍ଷ୍ମୀ ମଣ୍ଡପ ନିକଟରୁ ଟୁସୁ ଗୁଡ଼ିକ ଶୋଭାଯାତ୍ରାରେ


ଟୁସୁ ନାଚଗୀତରେ ମସ୍‌ଗୁଲ୍ କୁଡୁମୀ ସମ୍ପ୍ରଦାୟର ଯୁବତୀ ଓ ମହିଳାମାନେ।

ବାହାରିବା ପରେ ସାମୁହିକ ଟୁସୁଙ୍କୁ ଜହ୍ନେଇ ନାଳରେ ବିସର୍ଜନ କରାଯାଇଥିଲା। ଧାନବେଣୀରେ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଜିଲା ଓ ଜିଲା ବାହାରୁ ଏଥିରେ ମୋଟ ୧୪ ଟି ଟୁସୁ ମେଢ଼ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଧାନବେଣିରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କପୁଣ୍ଡି ସମିତି ସଭ୍ୟ ବିଜୟ ପଇଦାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନିତା କୁସୁମୁଳିଆ, ଅରୁଣ ବେଜ ଯୋଗଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ମୟୂରଭଞ୍ଜ ଜିଲା କରଞ୍ଜିଆର ଦାଗ ଦଫା, ଦ୍ୱିତୀୟସ୍ଥାନ ଅଧିକାର କରିଥିବା ପୁରୁଣା ପାଣି ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅସନବାହାଳୀ ଟୁସୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

